**ସଂକ୍ଷେପରେ**

## ଖରିଫ ଧାନ କ୍ରୟ ପ୍ରଶିକ୍ଷଣ ଶିବିର

**ପାଟପୁର,୫।୧୨(ଡି.ଏନ.ଏ.):** ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଖରିଫ ଧାନ କ୍ରୟ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ସଙ୍ଗୀତା ବେହେରା ଅଧକ୍ଷତା କରିଥିବାବେଳେ ବିଡିଓ ଗାୟତ୍ରୀଦତ୍ତ ନାୟକ, ବ୍ଲକ ଉପାଧକ୍ଷ ଗୋବିନ୍ଦ ସ୍ୱାଇଁ, ଯୋଗାଣ ଅଧିକାରୀ ବିଶ୍ୱଜିତ ସେଠୀ, ସମବାୟ ବ୍ୟାଙ୍କ ଶାଖା ପରିଚାଳକ ନିରଞ୍ଜନ ପୃଷ୍ଟି ମଞ୍ଚାସୀନ ଥିଲେ। ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି ସୌଜନ୍ୟରେ ଆୟୋଜିତ ଶିବିରରେ ଯୋଗାଣ ବିଭାଗ, ସମବାୟ ବିଭାଗ, ପଞ୍ଚାୟତ ପ୍ରତିନିଧି ଓ ଚାଷୀମାନେ ଯୋଗଦେଇ ସରକାରୀ ଦରରେ ମଣ୍ଡିରେ ଧାନ ବିକ୍ରି ସମ୍ବନ୍ଧରେ ଆଲୋଚନା କରିଥିଲେ। ସାନଖେମୁଣ୍ଡି ବ୍ଲକରେ ମୋଟ ୫୮୧୧ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ପଞ୍ଜୀକୃତ ଚାଷୀଙ୍କଠାରୁ ଅଞ୍ଚଳରେ ୧୮ ସେବା ସମବାୟ ସମିତି ଓ ଦୁଇ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀ ମାଧମରେ ସରକାରୀ ଭାବେ ଧାନ କ୍ରୟ ହେବବୋଲି ଜଣାଯାଇଛି । ଧାନବିକ୍ରି ପାଇଁ ଟୋକନ ବ୍ୟବସ୍ଥାକୁ ପଞ୍ଚାୟତ ପ୍ରତିନିଧିମାନେ ବିରୋଧ କରିବା ସହ ପଞ୍ଜୀକୃତ ଚାଷୀଙ୍କ ତାଲିକା ପଞ୍ଚାୟତଦ୍ୱାରା ପ୍ରକାଶ ଓ ବଞ୍ଚିତ ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଦାବି ହୋଇଥିଲା। ଏହି ଶିବିରରେ ଜିଲା ପରିଷଦ ସଭ୍ୟ ଶଙ୍କର୍ଷଣ ସ୍ୱାଇଁ, ସରପଞ୍ଚ ଟି.ବାବୁ ସୁବୁଦ୍ଧି, ନିରାକର ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ ସମିତିସଭ୍ୟ ଅମିନ ପ୍ରଧାନ, ଚାଷୀ ରଘୁନାଥ ବେହେରା ପ୍ରମୁଖ୍ୟ ଧାନ ବିକ୍ରି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ପାଟପୁର,୫।୧୨:** ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ଗ୍ରାମର ପୂର୍ବତନ ସରପଞ୍ଚ ନୀଳାଞ୍ଚଳ ପଣ୍ଡା (୬୫)ଙ୍କ ବୁଧବାର ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## କୁକୁଡ଼ା ଚାଷ, ଗୋପାଳନ ନେଇ ସମୀକ୍ଷା

**ହିଞ୍ଜିଳିକାଟୁ,୫।୧୨(ଡ଼ି.ଏନ୍.ଏ):** ହିଞ୍ଜିଳିକାଟୁ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ନିର୍ଦ୍ଦେଶକ ରତ୍ନାକର ରାଉତ ଏଥିରେ ଯୋଗଦେଇ ଘାସ ଚାଷ, କୁକୁଡ଼ା ପାଳନ, ଗୋ ପାଳନ ଓ ସୁରକ୍ଷା ଆଦି ନେଇ ସମୀକ୍ଷା କରିଥିଲେ। ପଶୁପାଳକଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ତ୍ରିନାଥ ନାୟକ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡ଼ା ମଧୁସୂଦନ ସୁବୁଦ୍ଧି, ଡ଼ା ରବି ନାରାୟଣ ପଣ୍ଡା, ଡ଼ା ଲମ୍ବୋଦର ମହାପାତ୍ର, ଡ଼ା ଅମିତାଭ ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ରାୟଗଡ଼(ଗଜପତି),୫।୧୨(ଡି.ଏନ୍.ଏ.)** ରାୟଗଡ଼ ବ୍ଲକ୍ ସଦରସ୍ଥ କଇଁପଦର ଆଦର୍ଶ ବିଦ୍ୟାଳୟରେ ବୁଧବାର ବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସଦସ୍ୟ ରାଧାମୋହନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ପାଚେରୀ ନ ଥିବା, ଖେଳପଡ଼ିଆ ଓ ଶିକ୍ଷକ ଅଭାବ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରକାଶ ଯେ, ବିଦ୍ୟାଳୟରେ ଷଷ୍ଠଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୫୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନଙ୍କ ପାଇଁ ଜଣେ ମାତ୍ର ଟିଜିଟି ବିଜ୍ଞାନ ଶିକ୍ଷକ ଥିବାବେଳେ ତାଙ୍କର ନବରଙ୍ଗପୁର ଜିଲାକୁ ବଦଳି ହୋଇଥିବାରୁ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତ ହେଲେ ଏଠାରୁ ରିଲିଭ୍ କରିବା ପାଇଁ କମିଟିର ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ। ଏଥିରେ ବ୍ୟତିକ୍ରମ ଦେଖାଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପରିଚାଳନା କମିଟ ଓ ଅଭିଭାବକଙ୍କ ମଧରେ ନିଷ୍ପତ୍ତି ହୋଇଥିଲା।

# ସରକାରୀ ଶୋଷଣର ଶିକାର ହେଉଛନ୍ତି ଚାଷୀ

**ବ୍ରହ୍ମପୁର ଅଫିସ୍,୫।୧୨**



ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଚାଲିଛି ।

ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲା କମିଟି କୃଷି ଏବଂ କୃଷକ ଓ ଦେଶ ବଞ୍ଚାଅ ଡାକରା ଦେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲା। କମିଟି ସଭାପତି ଗୋପାଳ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମସ୍ତ ଚାଷୀଙ୍କଠାରୁ ସରକାରୀ ଦରରେ ଧାନ କିଣିବା, ଭାଗ ଚାଷୀଙ୍କଠାରୁ ଧାନ କିଣିବା ବ୍ୟବସ୍ଥା କରିବା, ଅଦିନିଆ ବର୍ଷା ଏବଂ ବୁଲ୍‌ବୁଲ୍ ବାତ୍ୟା ଯୋଗୁ ଧାନର ଏଫ୍‌ଏକ୍ୟୁ ମାନକୁ ହଟାଇ ଧାନ କିଣିବା, କୃଷକମାନଙ୍କୁ ଋଣ ମୁକ୍ତ କରିବା, ଫସଲ ବୀମା ଟଙ୍କା ସମସ୍ତ କୃଷକଙ୍କୁ ପ୍ରଦାନ କରିବା, କାଳିଆ ଯୋଜନା ଟଙ୍କା ସମସ୍ତ ଚାଷୀଙ୍କୁ ଯୋଗାଇଦେବା, ଆଧାର ଲିଙ୍କ୍ କଟକଣା ଯୋଗୁ ରାଶନ୍ ପାଇବାରୁ ବଞ୍ଚିତ ଚାଷୀଙ୍କୁ ତୁରନ୍ତ ସାମଗ୍ରୀ ପ୍ରଦାନ, ଜଙ୍ଗଲ ଅଧିକାର ଆଇନ୍ କାର୍ଯ୍ୟକାରୀ ଆଦିବାସୀଙ୍କୁ ପଟ୍ଟା ଓ ଭୂମିହୀନ ଏବଂ ବାସହୀନଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ ଆଦି ଦାବି କରାଯାଇଥିଲା। ପରେ ଏନେଇ ଏକ ଦାବିପତ୍ର ଆର୍‌ଡିସିଙ୍କୁ ପ୍ରଦାନ କରାଯାଇଥିଲା। ଧାରଣାରେ ରାଜ୍ୟ ଉପସଭାପତି ଜଗନ୍ନାଥ ମିଶ୍ର ଉଦ୍‌ବୋଧନ ଦେଇ ଚାଷୀ ମାରଣନୀତି ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଚାଷ ଏବଂ ଚାଷୀ ଗଭୀର ସଂକଟ ଦେଇ ଗତି କରୁଛନ୍ତି। ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି। ଅନ୍ୟପଟେ ବଜାରରେ ପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀର ଦର ହୁହୁ ହୋଇ ବଢ଼ି ଚାଲିଛି। ସବୁ କ୍ଷେତ୍ରରେ ସାଧାରଣ ଜନତା ହିଁ ଆର୍ଥିକ କ୍ଷତି ସହୁଛନ୍ତି । ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ(ଏମ୍) ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, କୃଷକ ସଭା ଜିଲା ସମ୍ପାଦକ ପି.ହରିକୃଷ୍ଣ ରେଡ୍ଡୀ, ଯୁଗ୍ମ ସମ୍ପାଦକ ବସନ୍ତ ନନ୍ଦ, ବିଜୟ ବିଷୋୟୀ, ବାସୁଦେବ ଗୌଡ଼, ନୀଳମଣି ଗୁରୁ, ବିଭୁ ପାଣିଗ୍ରାହୀ, ବାବୁଲା ନାୟକ, ଶ୍ୟାମ ବେହେରା, କୃଷ୍ଣମୂର୍ତ୍ତି ପାତ୍ର, ସିଟୁ ନେତା ଯୁଧିଷ୍ଠିର ବେହେରା, ଲକ୍ଷ୍ମଣ ପାଢ଼ୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

# କ୍ଷେତରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବ୍ରହ୍ମପୁର ଅଫିସ,୫।୧୨**

ଗଞ୍ଜାମ ଜିଲା ବ୍ରହ୍ମପୁର ଖଜୁରିଆ ଜାତୀୟ ରାଜପଥ କଡରେ ଥିବା ଏକ ବୁଦାମୂଳରୁ ଗୋସାଣୀନୂଆଗାଁ ପୋଲିସ ବୁଧବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୫ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ନଂ.୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ପଞ୍ଚନାମା ବେଳେ ଯୁବକଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ଜାଗାରେ କ୍ଷତ ଚିହ୍ନ ରହିଥିବା ପୋଲିସ ଦେଖିବାକୁ ପାଇଛି। ଏଣୁ ଯୁବକଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ସ୍ପଷ୍ଟ ହେବ ବୋଲି ଗୁରୁବାର ଥାନାଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ମୃତକଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ପାଇଁ ଏହା ଏବେ ଚାଲେଞ୍ଜ ହୋଇପଡିଛି। ଯୁବକ ଜଣକ କିଏ ଓ ତାଙ୍କୁ କାହିଁକି ହତ୍ୟା କରାଗଲା ସେ ନେଇ ପୋଲିସ ଏବେ ତନାଘନା ଚଳାଇଛି। ଅନ୍ୟପଟେ ଯୁବକଙ୍କୁ ଅନ୍ୟ କେଉଁଠାରେ ହତ୍ୟା କରାଯିବା ପରେ ତାଙ୍କୁ ଦୁର୍ବୃତ୍ତମାନେ ଆଣି ଖେତର ଏକ ବୁଦା ମୂଳେ ଫିଙ୍ଗି ଦେଇଥିବା ପୋଲିସ ଅନୁମାନ କରୁଛି।

# ଦଲାଲଙ୍କ ଗିରଫ ଦାବି କଲେ ଦାଦନ



ଦାଦନ ଶ୍ରମିକମାନେ ଅଭିଯୋଗ କରିବାକୁ ଆସିଛନ୍ତି ।

**ବ୍ରହ୍ମପୁର ଅଫିସ୍,୫।୧୨**

କର୍ନାଟକରୁ ଖସି ଆସିଥିବା ୪୨ ଦାଦନ ଗୁରୁବାର ଦକ୍ଷିଣାଞ୍ଚଳ ଡିଆଇଜିଙ୍କ ନିକଟରେ ଦଲାଲଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଜଣେ ମୁଖ୍ୟ ଦଲାଲ୍ ଏବଂ ତାଙ୍କର ୩ ସହଯୋଗୀ ଏହି ଦାଦନ ଶ୍ରମିକମାନଙ୍କୁ କର୍ନାଟକ ଚାଲାଣ କରିଥିଲେ। ମାସିକ ୧୩ହଜାର ଟଙ୍କା ଦରମା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଟଙ୍କାଟିଏ ମଧ ମିଳି ନ ଥିଲା। ଏପରିକି ଖାଇବାକୁ ଠିକ୍‌ରେ ଦେଉ ନ ଥିଲେ। ସ୍ଥାନୀୟ ପ୍ରଶାସନର ସହଯୋଗରେ ସେଠାରୁ ଖସି ଆସିଥିଲେ ଏହି ଦାଦନ ଶ୍ରମିକମାନେ। ବୁଧବାର ଶ୍ରମ କମିଶନରଙ୍କ ନିକଟରେ ଅଭିଯୋଗ କରିବା ପରେ ଗୁରୁବାର ଡିଆଇଜିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦଲାଲମାନେ ନାନା ପ୍ରଲୋଭନ ଦେଖାଇ ସେମାନଙ୍କୁ ନିର୍ଯାତନା ଦେଇଛନ୍ତି। କେବଳ ସେମାନେ ନୁହନ୍ତି, ଏହି ଦଲାଲ୍‌ମାନେ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକମାନଙ୍କୁ ବାହାର ରାଜ୍ୟକୁ ପଠାଉଛନ୍ତି । ସେଠାରେ ଶ୍ରମିକମାନେ ନିର୍ଯାତିତ ହେଉଛନ୍ତି। ଏଣୁ ତୁରନ୍ତ ଏହି ଦଲାଲମାନଙ୍କୁ ଗିରଫ କରିବାକୁ ଶ୍ରମିକମାନେ ଡିଆଇଜିଙ୍କ ନିକଟରେ ଦାବି କରିଛନ୍ତି।

## ଜାତୀୟ ଶିଶୁ ମହୋତ୍ସବ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୫।୧୨**

ସ୍ଥାନୀୟ ଶିଶୁ ବାର୍ତ୍ତା ପକ୍ଷରୁ ୩ ଦିନିଆ ଜାତୀୟ ଶିଶୁ ମହୋତ୍ସବ ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ମାସ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ତ୍ରୟୋଦଶତମ ମହୋତ୍ସବ ପାଳନ କରାଯିବ। ଅନୁଷ୍ଠାନ ସମ୍ପାଦକ ମାନସ ଦାସଙ୍କ ସୂଚନାନୁଯାୟୀ, ମହୋତ୍ସବରେ ପଞ୍ଜାବର ଭାଙ୍ଗଡ଼ା, ଆସାମର ବିହୁ, ଆନ୍ଧ୍ରପ୍ରଦେଶର କୁଚୁପୁଡ଼ି, ରାଜସ୍ଥାନର ଦାଣ୍ଡିଆ ନୃତ୍ୟ ପରିବେଷଣ ହେବ। ଏହା ସହ ଗଞ୍ଜାମ ଜିଲାର ପ୍ରତିଷ୍ଠିତ କଳାକାରଙ୍କ ପକ୍ଷରୁ କଳାକୃତି ଓ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପ୍ରତିଭାଧାରୀଙ୍କୁ ମହୋତ୍ସବ ମଞ୍ଚରେ ସମ୍ମାନିତ କରାଯିବ। ବୈଠକରେ ଅବସରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ଅଧକ୍ଷତା କରିଥିବା ବେଳେ ଅନୁଷ୍ଠାନର ଅନ୍ୟମାନେ ଉପସ୍ଥିତ ଥିଲେ।

# ପୂଜା ପାଇଲେ ମହାଲକ୍ଷ୍ମୀ

**ବୁଗୁଡ଼ା,୫।୧୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ସୁସଜ୍ଜିତ ମେଢ଼ରେ ବିରାଜମାନ କରି ମହାଲକ୍ଷ୍ମୀ ପୂଜାର ଆୟୋଜନ କରାଯାଇଛି। ଏହି ବ୍ଲକ ବାଲିପଦର ବସ୍‌ଷ୍ଟାଣ୍ଡ ଛକରେ ଶ୍ରୀରାମ ପରିବା ବ୍ୟବସାୟୀ ସଂଘ ଓ ବଣିକ ସଂଘର ମିଳିତ ଆନୁକୂଲ୍ୟରେ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ପଙ୍କଲବାଡ଼ିରେ ସମ୍ପୃକ୍ତ ଯୁବକ ସଂଘ ଓ ଗ୍ରାମବାସୀଙ୍କ ସହଯୋଗରେ ମଧ ମହାଲକ୍ଷ୍ମୀ ପୂଜା ହୋଇଥିଲା। ସେହିପରି ବୁଗୁଡ଼ା ବଡ଼ଦାଣ୍ଡରେ ମଧ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଛି ।


ପଙ୍କଲବାଡ଼ିରେ ପୂଜା ପାଉଥିବା ମହାଲକ୍ଷ୍ମୀ।

# ଏସିଆନ୍ ମାଷ୍ଟର ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ

**ବ୍ରହ୍ମପୁର ଅଫିସ୍,୫।୧୨**

ମାଲେସିଆର ସାରୱାକ୍ ସହରରେ ଏସିଆନ୍ ମାଷ୍ଟର ଆଥଲେଟିକ୍ ଚାମ୍ପିୟନ୍‌ଶିପ୍-୨୦୧୯ ଗତ ୨ ତାରିଖରୁ ଆରମ୍ଭ ହୋଇଯାଇଛି। ୭ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି ପ୍ରତିଯୋଗିତାରେ ଭାରତରୁ ୪ଶହରୁ ଅଧିକ ଖେଳାଳି ପ୍ରତିନିଧିତ୍ୱ କରୁଛନ୍ତି। ଭାରତ ଦଳରେ ଓଡ଼ିଶାରୁ ୮ଜଣ ସାମିଲ୍ ହୋଇଛନ୍ତି। ବ୍ରହ୍ମପୁରର ୨ ଜଣ ଖେଳାଳି ମଧ ସ୍ଥାନ ପାଇଛନ୍ତି। ଡ଼ିସ୍‌କସ୍ ଥ୍ରୋରେ ଜିଲା ପୋଲିସରେ କାର୍ଯ୍ୟରତ ରାଜେନ୍ଦ୍ର ସାହୁଙ୍କୁ ବ୍ରୋଞ୍ଜ ପଦକ ମିଳିଥିବା ବେଳେ କରାପଲ୍ଲୀ ସ୍କୁଲର ଶିକ୍ଷକ ୨ଶହ ମିଟର ଦୌଡ଼ରେ ପଞ୍ଚମ ସ୍ଥାନ ଅକ୍ତିଆର କରିଥିବା ଜଣାପଡ଼ିଛି। ଗୁରୁବାର ଅପରାହ୍ନରେ ଏହି ଖବର ଜଣାପଡ଼ିବା ପରେ ବ୍ରହ୍ମପୁର ସହରର କ୍ରୀଡ଼ାବିତ ଓ ଖେଳପ୍ରେମୀଙ୍କ ମଧରେ ଉତ୍ସାହ ଦେଖାଦେଇଛି। ଏହି ଚାମ୍ପିୟନଶିପ୍‌ରେ ଭାରତ,ପାକିସ୍ତାନ, ମାଲେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ, ଚାଇନା, ଇରାନ, ଫିଲିପାଇନ୍‌ସ, ଆଫଗାନିସ୍ତାନ ଆଦି ଦେଶର ପ୍ରାୟ ୩ହଜାର ଖେଳାଳି ଭାଗ ନେଉଛନ୍ତି ।


ରାଜେନ୍ଦ୍ର ସାହୁଙ୍କୁ ପଦକ ପ୍ରଦାନ କରାଯାଉଛି ।

# ନାବାଳକଙ୍କୁ ଜେଜେବିରେ ହାଜର କରାଗଲା

**ସଂଘବଦ୍ଧ ଆକ୍ରମଣ ମାମଲା**

**ଦିଗପହଣ୍ଡି,୫।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମୋକେଇରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତା ନିରାକାର ପ୍ରଧାନଙ୍କୁ ପ୍ରତିପକ୍ଷ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକମାନଙ୍କ ପକ୍ଷରୁ ମଙ୍ଗଳବାର ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ମାମଲାରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ଗୁରୁବାର ପୋଲିସ ବ୍ରହ୍ମପୁର ସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ନିରାକାର ତାଙ୍କ ବାଇକ୍‌ରେ ଯାଉଥିବା ବେଳେ ରାସ୍ତାରେ ଖଣ୍ଡାରେ ଆକ୍ରମଣ ସହ ହତ୍ୟା ଉଦ୍ୟମ କରାଯାଇଥିଲା। ଏନେଇ ନିରାକାରଙ୍କ ସମ୍ପର୍କୀୟ ହରିଶ୍ଚନ୍ଦ୍ର ପ୍ରଧାନ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ମାମଲା ନଂ ୨୫୧/୧୯ ଦଫା ୨୯୪/୩୦୭/୩୨୪/୩୨୬ /୩୪୧/୫୦୬/୩୪ ସମେତ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଧାରା ୨୭ ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିଲା। ଗତ ବୁଧବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବମକେଇ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଭଗବାନ ବାଡ଼ତ୍ୟା ପ୍ରମୁଖ ବ୍ରହ୍ମପୁର ବଡ ମେଡିକାଲରେ ପହଞ୍ଚି ନିରାକାରଙ୍କୁ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ଅପରପକ୍ଷରେ ପୋଲିସ ନିରାକାରଙ୍କ ରକ୍ତଭିଜା ସାର୍ଟ ଓ ଆକ୍ରମଣରେ ବ୍ୟବହୃତ ରକ୍ତ ଲାଗିଥିବା ଏକ ଲୁହା ଛଡ଼ ଜବତ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଜ୍ଞାନରଞ୍ଜନ ସେଠୀ ଜଣାଇଛନ୍ତି।

# ସ୍କେଟିଂ ବିଜେତାଙ୍କୁ ସମ୍ବର୍ଦ୍ଧନା
## ଜାତୀୟସ୍ତରକୁ ଦୁଇ ମନୋନୀତ

**ବ୍ରହ୍ମପୁର ଅଫିସ,୫।୧୨**

ବ୍ରହ୍ମପୁର ଗୁଡ଼ସ ସେଡ ରୋଡ଼ସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ ତଥା ବ୍ରହ୍ମପୁର ସ୍କେଟିଂ ଏକାଡେମୀ ସଭାପତି ପ୍ରଶାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଡିଏଭି ଜୋନାଲସ୍ତରୀୟ ସ୍କେଟିଂ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଜାତୀୟସ୍ତରକୁ ମନୋନୀତ ହୋଇଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅକ୍ଟୋବର ୨୩ରେ ଅନୁଷ୍ଠିତ ଜୋନାଲସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ବ୍ରହ୍ମପୁର ସ୍କେଟିଂ ଏକାଡେମୀରେ ପ୍ରଶିକ୍ଷିତ ଏ. ରାଜ କୁମାର ୩୦୦ ମିଟର, ରକ୍ଷିଲ ସାସମଲ ୧୦୦୦ ମିଟର ସ୍କେଟିଂ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରକୁ ମନୋନୀତ ହୋଇଥିଲେ। ସେହିପରି ଟି. ଗୋକୁଳ ପାତ୍ର ୩୦୦ ମିଟର ସ୍କେଟିଂରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ଅବସରରେ ଉପରୋକ୍ତ ୩ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ସ୍କେଟିଂ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା ଦୁଇ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ସ୍କୁଲ ଅଧକ୍ଷ ଅମିତ କର, ସନ୍ତୋଷ ନନ୍ଦ, ଏକାଡେମୀର କୋଚ ବିଭୂତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।


କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

# ଭାଗନେଲେ ୪୦ କଲେଜର ୪୦୦ ପ୍ରତିଯୋଗୀ

**ବ୍ରହ୍ମପୁର ଅଫିସ,୫।୧୨**


ଉଦ୍‌ଘାଟନୀ କାର୍ଯକ୍ରମରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ୫୨ତମ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଓ ମହିଳା ଦୌଡକୁଦ ପ୍ରତିଯୋଗୀତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗୀତାକୁ ଗଞ୍ଜାମ ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ତଥା ଓଡିଶା ବାସ୍କେଟବଲ ଆସୋସିଏଶନ ସଭାପତି ଅଶୋକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି, ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ପରିଷଦ ସମ୍ପାଦିକା ପ୍ରଫେସର ପୁଷ୍ପାଞ୍ଜଳି ସାମନ୍ତରାୟ, ୱାର୍ଡେନ ପ୍ରଫେସର ଭାଗୀରଥି ପାଣିଗ୍ରାହୀ, ଭାରୋତ୍ତୋଳକ କୋଚ ସୀତା ପ୍ରସାଦ ପଟ୍ଟନାୟକ, ଶିବାନନ୍ଦ ବ୍ରହ୍ମା, ଏଣ୍ଡିଓ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗୀତାରେ ପ୍ରାୟ ୪୦ ମହାବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୁରୁଷ ବର୍ଗରେ ୪୦୦, ୧୫୦୦ ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ ଏବଂ ମହିଳା ବର୍ଗରେ ୨୦୦, ୪୦୦ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଶଟ୍‌ପୁଟ ଥ୍ରୋ, ଜାଭଲିନ ଥ୍ରୋ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପୁରୁଷ ବର୍ଗ ୪୦୦ ମିଟର ଦୌଡରେ ନରସିଂହ ହରିଜନ ପ୍ରଥମ ହୋଇଥିବା ବେଳେ ମହିଳା ବର୍ଗରେ ପୂର୍ଣ୍ଣିମା ପ୍ରଧାନ ଉଭୟ ୪୦୦, ୨୦୦ ମିଟର ଦୌଡରେ ପ୍ରଥମ ହୋଇଛନ୍ତି । ଲମ୍ବଡିଆଁ ପୁରୁଷ ବର୍ଗରେ ଚନ୍ଦନ ବଟି, ମହିଳା ବର୍ଗରେ ରାମବେଟି ହରିଜନ ପ୍ରଥମ ହୋଇଛନ୍ତି । ଉଚ୍ଚଡିଆଁ ମହିଳା ବର୍ଗରେ ବନୀତା ସାହୁ ଓ ପୁରୁଷ ବର୍ଗରେ ରବି ଖିଲ ପ୍ରଥମ ହୋଇଛନ୍ତି। ପୁରୁଷ ବର୍ଗ ୧୫୦୦ ମିଟର ଦୌଡରେ ହରିମିନ ଆକ୍ ପ୍ରଥମ ହୋଇଛନ୍ତି। ମହିଳା ବର୍ଗ ସଟ୍‌ପୁଟ ଥ୍ରୋରେ ରଶ୍ମିତା ମଲ୍ଲିକ, ଜାଭଲିନ ଥ୍ରୋରେ ଅମ୍ବିକା ମଲ୍ଲିକ ପ୍ରଥମ ହୋଇଛନ୍ତି । ରାଜେଶ ମହାନ୍ତି, ରବି ଚରଣ ମିଶ୍ରଙ୍କ ସମେତ କ୍ରୀଡା ପରିଷଦର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଖେଳ ଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ

ଫିରିଙ୍ଗିଆ/କେଳାପଡା, ୫।୧୨: ଫିରିଙ୍ଗିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଖେଳ ଶିକ୍ଷକଙ୍କ ମାଡରେ ଆହତ ହୋଇଛନ୍ତି। ଏ ନେଇ ଛାତ୍ରଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି । ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ଛାତ୍ର ସଚିଦାନନ୍ଦ ବିଶୋଇ ବୁଲୁଥିବାରୁ ଖେଳ ଶିକ୍ଷକ ବାସୁଦେବ ସାହାଣୀ ତାଙ୍କୁ ମାଡ ମାରିଥିଲେ । ଏଥିରେ ସଚିଦାନନ୍ଦଙ୍କ ଗାଲରେ ଆଘାତ ଲାଗିଥିଲା। ସ୍କୁଲ ଛୁଟି ହେଲା ପରେ ଘରକୁ ଯାଇ ସେ ବାନ୍ତି କରିଥିଲେ । ପରିବାର ଲୋକେ ପଚାରିବାରୁ ଶିକ୍ଷକ ମାଡ ମାରିଥିବା କହିଥିଲେ । ପରେ ତାଙ୍କୁ ଫିରିଙ୍ଗିଆ ଡାକ୍ତରଖାନା ନିଆଯାଇଥିଲା । ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ଜଣା ଯାଇଥିଲା । ହେଲେ ସେ କିଛି କରିପାରିବେ ନାହିଁ ବୋଲି କହିବାରୁ ଗୁରୁବାର ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ଖେଳ ଶିକ୍ଷକ ବାସୁଦେବଙ୍କୁ ପଚାରିବାରୁ ପିଲା ଫୁଟବଲ ଖେଳୁଥିଲେ। ସଚିଦାନନ୍ଦ ଦୁଷ୍ଟ ହେବାରୁ ତାଙ୍କୁ ଚାପୁଡା ମାରିଥିଲି ବୋଲି କହିଛନ୍ତି।

### ଗଞ୍ଜେଇ ଚାଲଣକାରୀଙ୍କୁ ୧୦ ବର୍ଷ ଜେଲ୍

କୋଟଗଡ/ବାଲିଗୁଡା,୫।୧୨(ଡି.ଏନ୍.ଏ.): କ.ନୂଆଗାଁ ଥାନା ଅନ୍ତର୍ଗତ ଗୁଗୁରକ୍ଲିୟୁ ରାସ୍ତା ଉପରେ ୩୦ ମେ' ୨୦୧୭ରେ ବୃନ୍ଦାବନ ଦିଗାଲଙ୍କୁ ଏକ ବଲେରୋ ଗାଡିରେ ଗଞ୍ଜେଇ ଚାଲାଣ କରୁଥିବାବେଳେ ବ୍ରହ୍ମପୁର ଅବକାରୀ ନିରୀକ୍ଷକ ଧରିଥିଲେ। ତାଙ୍କଠାରୁ ୯ଟି ଅଖାବସ୍ତାରେ ଥିବା ୧୦୬ କେ.ଜି. ଗଞ୍ଜେଇ ଓ ବଲେରୋ ଜବତ କରାଯାଇଥିଲା। ଏହାର ବିଚାର କରି ଅତିରିକ୍ତ ଜିଲା ଦୌରାକୋର୍ଟର ସ୍ୱତନ୍ତ୍ର ବିଚାରପତି ଶୁଭଦର୍ଶୀ ପଟ୍ଟନାୟକ ବୃନ୍ଦାବନଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ଏକଲକ୍ଷ ଟଙ୍କା ଜରିମାନା ମଧ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ସୁଧାଂଶୁ ମୋହନ ପତି ମୋକଦ୍ଦମା ପରିଚାଳନା କରିଥିଲେ।

### ବିଶ୍ୱ ମୃତ୍ତିକା ଦିବସ

କ.ନୂଆଗାଁ, ୫।୧୨: କ.ନୂଆଗାଁ ବ୍ଲକ କୃଷି ବିଭାଗ ତରଫରୁ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟାଳୟ ବୈଠକ ଗୃହରେ ବ୍ଲକର ୧୪ ପଞ୍ଚାୟତର ଚାଷୀମାନଙ୍କୁ ଏହି ଦିବସ ଉପରେ ସଚେତନ କରାଯାଇଥିଲା। କ.ନୂଆଗାଁ ଅତିରିକ୍ତ କୃଷି ଅଧିକାରୀ ସଂଗ୍ରାମ କୁମାର ସେନାପତି ବୈଠକରେ ଅଧକ୍ଷତା କରି ମାଟି ପରୀକ୍ଷା ପରେ ସାର ପ୍ରୟୋଗ କରିବାକୁ ଉପସ୍ଥିତ ୧୪୦ଜଣ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ନୂଆଗାଁ ପଶୁ ଚିକିତ୍ସକ ଡ. ଦୀପକ କୁମାର ପ୍ରଧାନ ଯୋଗଦେଇ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ ପ୍ରଦାନ କରିଥିଲେ।

**ପାଟପୁର:** ସାନଖେମୁଣ୍ଡି କୃଷି ଓ କୃଷକ ପରାମର୍ଶ କେନ୍ଦ୍ରରେ କୃଷି ବିଭାଗ ପକ୍ଷରୁ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ସହକାରୀ କୃଷି ଅଧିକାରୀ ବିଶ୍ୱରଞ୍ଜନ ରାଉତ, ଆତ୍ମା ଅଧକ୍ଷ ବିଶ୍ୱନାଥ ବରାଡ ପ୍ରମୁଖ ଯୋଗଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ, ଉର୍ମିକମ୍ପୋଷ୍ଟ ଜିଆ ଖତ କରି ସ୍ୱାବଲମ୍ବୀ ହେବା ପାଇଁ ଆଲୋକପାତ କରାଯାଇଥିଲା। ଛତୁ ଚାଷ ପାଇଁ ନଡାକୁ ପୁନଃ ବିନିଯୋଗ କରି ସାର ପ୍ରସ୍ତୁତି ପ୍ରଣାଳୀ ନେଇ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ କୃଷି, ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ଆତ୍ମା ସଭ୍ୟ ଓ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ଅଂଶ ଗ୍ରହଣ କରିଥିଲେ ।

**ପୋଲସରା:** ପୋଲସରା ବ୍ଲକ କୃଷି କାର୍ଯ୍ୟାଳୟରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ସହକାରୀ କୃଷି ଅଧିକାରୀ ଅନିରୁଦ୍ଧ ତରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷ ସଂଯୁକ୍ତା ବାଡ଼ତ୍ୟା, ଆତ୍ମା ଅଧକ୍ଷ ସୁଶିତ କୁମାର ସାହୁ, ଆତ୍ମା ସଂଯୋଜକ ଆଶିଷ ରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

**ବେଗୁନିଆପଡ଼ା:** ବେଗୁନିଆପଡ଼ା ବ୍ଲକ ପରିସରରେ କୃଷି ବିଭାଗର ତତ୍ତ୍ୱାବଧାନରେ ବିଶ୍ୱ ମୃତ୍ତିକା ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ବିଡିଓ ପ୍ରଦୀପ କୁମାର ପଣ୍ଡା, ବ୍ଲକ ଅଧକ୍ଷ ପ୍ରତିନିଧି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି, ତ୍ରିନାଥ ଭୂୟା, ଆତ୍ମା ଅଧକ୍ଷ କବିରାଜ ନାୟକ, ସହକାରୀ କୃଷି ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ମୃତ୍ତିକା ସଂରକ୍ଷଣ ଅଧିକାରୀ ମୋନାଲିସା ହୋତା ଯୋଗଦେଇ ମୃତ୍ତିକା ସଂରକ୍ଷଣ ଓ ସଦ ବ୍ୟବହାର, ଚାରାରୋପଣ, ଫସଲ ପୂର୍ବରୁ ମୃତ୍ତିକା ପରୀକ୍ଷା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଉଚ୍ଛେଦ ନ କରି ପଟ୍ଟା ଦେବାକୁ ଦାବି

ଫୁଲବାଣୀ ଅଫିସ, ୫।୧୨

ଖଜୁରିପଡା ବ୍ଲକ ପାଖ ସୁରାଦେଇ ଗ୍ରାମରେ ସରକାରୀ ଜାଗା ଜବରଦଖଲ କରିଥିବା ୮୫ ପରିବାରକୁ ଉଚ୍ଛେଦ କରାଯିବ। ତେଣୁ ଜାଗା ଛାଡି ଚାଲି ଯିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବିରୋଧ କରି ଗ୍ରାମବାସୀ ଆସି ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି । ଉଚ୍ଛେଦ ନ କରି ସ୍ଥାୟୀ ପ୍ରମାଣପତ୍ର ଭାବେ ପଟ୍ଟା ଦେବାକୁ ସେମାନେ ଦାବି କରିଛନ୍ତି ।

ଆମ୍ଭେମାନେ ସୁରାଦେଇ ଗ୍ରାମରେ ଆଜକୁ ୨୫ ବର୍ଷ ହେବ ବସବାସ କରି ଆସୁଛୁ । ଆମ ନାମରେ ଜବରଦଖଲ ମାମଲା ରୁଜୁ ହୋଇଛି। ଏ ବାବଦରେ ସରକାରଙ୍କୁ ଖଜଣା ଦେଉଛୁ । ତହସିଲଦାର ଗତ ୨ ତାରିଖରେ ବେଦଖଲ ହେବାକୁ ନୋଟିସ୍ ଦେଇଛନ୍ତି । ଆମ୍ଭେମାନେ ପିଲା ଛୁଆ ନେଇ ରହୁଛୁ । ଆମ ଘରକୁ ବିପିଏଲ ବିଦ୍ୟୁତ୍ ସଂଯୋଗ କରାଯାଇଛି। ବେଦଖଲ କରାଗଲେ ପିଲା ଛୁଆଙ୍କୁ ନେଇ କୁଆଡେ ଯିବୁ । ଆଉ କୌଣସିରେ ଆମ୍ଭର ଜମି ନାହିଁ । ଦିନ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଛୁ । ଆମ୍ଭକୁ ବେଦଖଲ ନ କରି ଜମି ପଟ୍ଟା ପ୍ରଦାନ କଲେ ଉପକୃତ ହେବୁ ବୋଲି ଗ୍ରାମବାସୀ ଅଲେଖ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ଗୋଲାପ ରଣା, ପ୍ରସନ୍ନ ବେହେରା, ଗୀତାଞ୍ଜଳି ବେହେରା, ସରୋଜିନୀ ମୁଦୁଲି ଓ ଜାନକୀ ମହାରଣା ପ୍ରମୁଖ ପ୍ରକାଶ କରିଛନ୍ତି ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଜବରଦଖଲକାରୀ ।

# ହୌସଲା କାର୍ଯ୍ୟକ୍ରମରେ କନ୍ଧମାଳର କୃତିତ୍ୱ

ଫୁଲବାଣୀ ଅଫିସ, ୫।୧୨

ରାଜ୍ୟସ୍ତରୀୟ ହୌସଲା କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୦ ଜିଲାର ଶିଶୁମାନେ ଭାଗ ନେଇଥିଲେ । କନ୍ଧମାଳ ଜିଲାର ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ୩୩ ଅନ୍ତେବାସୀ ଭାଗ ନେଇ ୪୦୦ ମିଟର ରିଲେରେସ ବାଳକ ବିଭାଗରେ ପ୍ରଥମ ସ୍ଥାନ, ବାଳିକା ବିଭାଗରେ ଦ୍ୱିତୀୟ ସ୍ଥାନ, ଉଚ୍ଚ ଡିଆଁ ବାଳିକା ବିଭାଗରେ ଦ୍ୱିତୀୟ, ୧୦୦ ମିଟର ଦୌଡ ପ୍ରତିଯୋଗିତାରେ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ମୁଖ୍ୟଅତିଥି ଭାବେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସନ୍ଧ୍ୟାବତୀ ପ୍ରଧାନ, ସମ୍ମାନିତ ଅତିଥି ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ, ମିଶନ ଶକ୍ତି ବିଭାଗ ସଚିବ ଅନୁ ଗର୍ଗ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲାର ଶିଶୁ ଯତ୍ନ ଅନୁଷ୍ଠାନ ବନବାସୀ, ପିଟର ଆଣ୍ଡ ପାଉଲ ହାପି ହୋମ ସାଧନ, ସୁଭଦ୍ରା ମହତାବ ସେବାସଦନ, ଗୋପବନ୍ଧୁ ବାଳାଶ୍ରମ, ହାଇହୋମ ସୋସାଇଟି, ଭିଜନ ଇଣ୍ଡିଆର ଅନ୍ତେବାସୀ ପ୍ରତିଯୋଗିତାରେ ଭାଗ ନେଇଥିଲେ ।


କୃତୀ ପ୍ରତିଯୋଗୀମାନେ ।

# ମହିଳାଙ୍କୁ ପ୍ରତାରଣା, ଯୁବକ ଗିରଫ

ଶେରଗଡ,୫।୧୨(ଡି.ଏନ୍.ଏ.)

ଶେରଗଡ ବାଲିସାହି ନିକଟରେ ରହୁଥିବା ଜଣେ ବିବାହିତ ମହିଳାଙ୍କୁ ପ୍ରେମ ଓ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା ଅଭିଯୋଗରେ ଶେରଗଡ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଣେଶ ନାଇକ (୨୪)। ଏନେଇ ଶେରଗଡ ଥାନାରେ ନଂ.୧୧୭/୧୯ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଶେରଗଡ କୋର୍ଟକୁ ଚାଲାଣ କରାଯାଇଛି। ଗଣେଶଙ୍କର ୪ ବର୍ଷ ତଳେ ସମ୍ପୃକ୍ତ ମହିଳାଙ୍କ ସହ ସମ୍ପର୍କ ଗଢି ଉଠିଥିଲା । ପରେ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ସମ୍ପର୍କ ବଢିଥିଲା। ମହିଳା ଜଣକ ବିବାହ ପାଇଁ କହିବାରୁ ଗଣେଶ ମନା କରିଦେଇଥିଲେ। ଶେଷରେ ମହିଳା ଜଣକ ଶେରଗଡ ଥାନାରେ ବୁଧବାର ସନ୍ଧ୍ୟାରେ ଏତଲା ଦେଇଥିଲେ। ଶେରଗଡ ପୋଲିସ ଗଣେଶଙ୍କୁ ଗିରଫ ପରେ ଡାକ୍ତରମାଇନା କରି କୋର୍ଟ ଚାଲାଣ କରିଥିଲା ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା

ପାଟପୁର,୫।୧୨

ସାନଖେମୁଣ୍ଡି ବ୍ଲକସ୍ତରୀୟ ବିଜ୍ଞାନ ମେଳା ସିଙ୍ଗିପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ଚନ୍ଦ୍ର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏବିଇଓ ପାଣ୍ଡୁଚରଣ ସାହୁ, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେବ, ସୁଧାଂଶୁ ଶେଖର ସାହୁ, ବିଚାରକ ଭାବେ ଅଧାପକ କାହ୍ନୁ ଚରଣ ପାଢୀ, ଲିଙ୍ଗରାଜ ପାଣିଗ୍ରାହୀ, ବାଳକୃଷ୍ଣ ମାଦଳା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଦେବେନ୍ଦ୍ରନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ୯୭ ପ୍ରକଳ୍ପ ଛାତ୍ରୀଛାତ୍ର ପ୍ରଦର୍ଶନ କରିଥିଲେ।

# ୩୩ ଶିଶୁଙ୍କ ବିକୃତ ପାଦ ଅସ୍ତ୍ରୋପଚାର

ଫୁଲବାଣୀ ଅଫିସ, ୫।୧୨

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଜନ୍ମଗତ ପାଦ ବିକୃତି ଅସ୍ତ୍ରୋପଚାର ଶିବିର ଉଦ୍‌ଘାଟିତ ହୋଇଛି। ଜିଲାପାଳ ଡା. ବୃନ୍ଦା ଡି. ଏହାକୁ ଉଦ୍‌ଘାଟନ କରିଥିଲେ । କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥାନର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡା. କିଶୋର ମହାପାତ୍ରଙ୍କ ନେତୃତ୍ୱରେ ୧୨ ଜଣିଆ ଡାକ୍ତରୀ ଦଳ ଆସି ୩୩ ଜନ୍ମଗତ ପାଦ ବିକୃତି ଶିଶୁଙ୍କ ଅସ୍ତ୍ରୋପଚାର କରିଛନ୍ତି।

ଅସ୍ତ୍ରୋପଚାର କରାଯାଇଥିବା କନ୍ଧମାଳ ଜିଲାର ୧୨, ବଲାଙ୍ଗୀରର ୧୦, ସୁବର୍ଣ୍ଣପୁରର ୭ ଏବଂ ବୌଦ୍ଧ ଜିଲାର ୪ ଶିଶୁଙ୍କୁ ମୁଖ୍ୟ ଚିକିତ୍ସାଳୟ ପରିସରରେ ନିର୍ମିତ ଏକ ସ୍ୱତନ୍ତ୍ର ୱାର୍ଡ଼ରେ ୨୧ ଦିନ ପର୍ଯ୍ୟନ୍ତ ରଖାଯିବ । ସେମାନଙ୍କୁ ପ୍ରତ୍ୟେକ ଦିନ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ସେବା ଯୋଗାଇବେ । ୨୧ତମ ଦିବସରେ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥାନର ଚିକିତ୍ସକମାନଙ୍କ ଦ୍ୱାରା ପାଦ ବ୍ୟାଣ୍ଡେଜ୍ ଖୋଲାଯାଇ ଏକ୍ସ–ରେ କରାଯିବ । ଏହାପରେ ପୁଣି ୩ ମାସ ପାଇଁ ବ୍ୟାଣ୍ଡେଜ୍ କରାଯାଇ, ସେମାନଙ୍କୁ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରରେ ରଖାଯିବ। ପୁନର୍ବାସ କେନ୍ଦ୍ର ଦ୍ୱାରା ଫିଜିଓଥେରାପି ଚିକିତ୍ସା ସହିତ ସ୍ୱତନ୍ତ୍ର ଭାବେ ନିର୍ମିତ ଜୋତା ପ୍ରଦାନ କରାଯିବ। ଏହା ଏକ ଜଟିଳ ଓ ବ୍ୟୟବହୁଳ ଅସ୍ତ୍ରୋପଚାର ହୋଇଥିଲେ ପ୍ରତ୍ୟେକ ଶିଶୁଙ୍କ ପିଛା ଖର୍ଚ୍ଚ ହେଉଥିବା ବେଳେ ୩୦ ହଜାର ଟଙ୍କା ରାଜ୍ୟ ସରକାର ବହନ କରୁଥିବାରୁ ବିନାମୂଲ୍ୟରେ ଅସ୍ତ୍ରୋପଚାର ହୋଇପାରୁଛି । ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପକ୍ଷରୁ ଏହା ଥିଲା ଦଶମ ଅସ୍ତ୍ରୋପଚାର ଶିବିର । ଜନ୍ମଗତ ପାଦ ବିକୃତି ଶିଶୁଙ୍କ ଅସ୍ତ୍ରୋପଚାର କ୍ଷେତ୍ରରେ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରକୁ ଓଡ଼ିଶାର ନୋଡ଼ାଲ୍ କେନ୍ଦ୍ର ଭାବେ ଘୋଷଣା କରାଯାଇଛି । ୨୦୦୯ରୁ ୨୦୧୭ ମଧ୍ୟରେ ୩୧୪ ଜନ୍ମଗତ ପାଦ ବିକୃତି ଶିଶୁଙ୍କ ଅସ୍ତ୍ରୋପଚାର କରାଯାଇ ଠିକ୍ କରାଯାଇଛି । ସେହିପରି ୨୦୧୪ରୁ ୨୦୧୮ ମଧ୍ୟରେ ଉକ୍ତ କେନ୍ଦ୍ର ତତ୍ତ୍ୱାବଧାନରେ ଓଡ଼ିଶାର ଅନ୍ୟ ଜିଲାଗୁଡ଼ିକରେ ମୋଟ ୭୯୧ ଶିଶୁଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି ବୋଲି ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଅକ୍ଷୟ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଅସ୍ତ୍ରୋପଚାର କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥାନର ଡା. ମହାପାତ୍ର, ଡା. ପବିତ୍ର କୁମାର ସାହୁ, ଡା. ସୁଧାକର ପ୍ରଧାନ, ଡା. ପ୍ରମୋଦ କୁମାର ପରିଡ଼ା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୟଦ ସାହରୁହ ଅହମ୍ମଦ, ନିଶ୍ଚେତକ ବିଶେଷଜ୍ଞ ଗୋପାଳକୃଷ୍ଣ ସାହୁ ଓ ଗୌରଚନ୍ଦ୍ର ବିଶ୍ୱାଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଶିବିରକୁ ଉଦ୍‌ଘାଟନ କରୁଛନ୍ତି ।

# ଜି.ଉଦୟଗିରିରେ ପ୍ରବଳ ଶୀତ

## ୭.୬ ଡିଗ୍ରୀକୁ ଖସିଲା ପାରଦ

ଜି.ଉଦୟଗିରି, ୫।୧୨ (ଡି.ଏନ.ଏ.)

ଜି.ଉଦୟଗିରି ସହର ସମେତ ଆଖପାଖ ଅଞ୍ଚଳରେ ୨ଦିନ ହେବ ପ୍ରବଳ ଶୀତ ଅନୁଭୂତ ହେଉଛି। ସର୍ବନିମ୍ନ ପାରଦ ୭.୬ ଡିଗ୍ରୀ ସେଲସିୟସକୁ ଖସିଆସିଛି ବୋଲି ସ୍ଥାନୀୟ କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଅକ୍ଷୟ କୁମାର ସେଠୀ କହିଛନ୍ତି। ଅନ୍ୟପଟେ ଗ୍ରାମାଞ୍ଚଳରେ ଅଧିକ ଶୀତ ହେଉଥିବା ଲୋକମାନେ କହୁଛନ୍ତି। ସକାଳେ ଘନ କୁହୁଡ଼ି ସାଙ୍ଗକୁ ଶୀତର ପ୍ରକୋପ ଯୋଗୁ ଦୋକାନ ବଜାର ବିଳମ୍ବରେ ଖୋଲୁଛି ଓ ଶୀଘ୍ର ବନ୍ଦ ହୋଇଯାଉଛି। ଶୀତ ଯୋଗୁ ଅଞ୍ଚଳକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି । କଳିଙ୍ଗାସ୍ଥିତ ବନ ଉଦ୍ୟାନ, ଜି.ଉଦୟଗିରି ନିକଟସ୍ଥ କଫି ବଗିଚା ଓ କଳିଙ୍ଗା ଘାଟିର ଅନ୍ଧାରକୁଟି ଓ ସିରିକି ଡ୍ୟାମରେ ଲୋକମାନେ ବଣଭୋଜି କରି ମଜା ନେଉଛନ୍ତି। ଶୀତକୁ ଦୃଷ୍ଟିରେ ରଖି ନିରାଶ୍ରୟମାନଙ୍କ ପାଇଁ ଜି.ଉଦୟଗିରି ସହରର ଦୁଇଟି ସ୍ଥାନରେ ଶୀତ ଆଶ୍ରୟସ୍ଥଳୀ ଖୋଲାଯାଇଛି ବୋଲି ଜି.ଉଦୟଗିରି ଏନ୍‌ଏସି ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି।


ଜି.ଉଦୟଗିରି ସହରରେ ଲୋକେ ନିଆଁ ପୁଉଁଛନ୍ତି।

# ପିଆଜ ଦର ବୃଦ୍ଧିନେଇ ଉଦ୍‌ବେଗ

ହିଞ୍ଜିଳିକାଟୁ, ୫।୧୨(ଡ଼ି.ଏନ୍.ଏ)

ହିଞ୍ଜିଳିକାଟୁରେ ପିଆଜ ଦର ଶହେ ଟପିଛି। ଫଳରେ ଗରିବଙ୍କଠୁ ଆରମ୍ଭ କରି ଧନୀ ପର୍ଯ୍ୟନ୍ତ ସମସ୍ତ ସ୍ତରରେ ପ୍ରତିବାଦ ଉଠିଛି। ପିଆଜ ଓ ଆଳୁ ଚାଷ ଉପରେ ସରକାର ଗୁରୁତ୍ୱ ଦେଉ ନ ଥିବାରୁ ଏପରି ସ୍ଥିତି ଉପୁଜିଛି ବୋଲି କଂଗେସ ପକ୍ଷରୁ ଅଭିଯୋଗ କରାଯାଇଛି। ଚାଷୀଙ୍କୁ ଠିକ ସମୟରେ ବିହନ ଦିଆଯାଉ ନାହିଁ। ଆଳୁ, ପିଆଜ ଆଦି ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର କାର୍ଯ୍ୟକାରୀ ହେଉନାହିଁ। ତେଣୁ ପରିବା ଉତ୍ପାଦନରେ ଚାଷୀଙ୍କ ଉତ୍ସାହ କମୁଥିବା କଂଗ୍ରେସ ବ୍ଲକ ସଭାପତି ପଦ୍ମ ଚରଣ ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ରାଜ୍ୟ କଂଗେସ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

# ୩ ଦିନ ପରେ ମଣ୍ଡିରୁ ଧାନ ଉଠିଲା

ଜୟପୁର/ଫାମ୍ପୁଣି, ୫।୧୨ (ଡି.ଏନ୍.ଏ.)

କୋରାପୁଟ ଜିଲାର ବିଭିନ୍ନ ମଣ୍ଡିରୁ ଗତ ୨ ତାରିଖରୁ ଧାନ କ୍ରୟ ଜୋରଦାର ହୋଇଛି। କିନ୍ତୁ ଗତ ୩ ଦିନଧରି ଫାମ୍ପୁଣି ମଣ୍ଡିରୁ ଧାନ ଉଠିବାରେ ସମସ୍ୟା ଦେଖାଦେଇଥିଲା । ଧାନର ମାନ ନେଇ କଷ୍ଟମ ମିଲିଂ ନିମନ୍ତେ ଉକ୍ତ ମଣ୍ଡିରୁ ଧାନ ମିଲକୁ ନେବା ପାଇଁ ଦାୟିତ୍ୱରେ ଥିବା ମିଲଗୁଡିକ କୁଇଣ୍ଟାଲ ପିଛା ୩ କିଲୋଗ୍ରାମ ଦାବି କରୁଥିଲେ। କିନ୍ତୁ ଚାଷୀ ୨ କିଲୋ ଦେବାକୁ ସହମତ ହୋଇଥିଲେ। ଉଭୟଙ୍କ ଜିଦ୍ ଯୋଗୁ ୩ ଦିନ ମଣ୍ଡିରେ ୪୨ ଜଣ ଚାଷୀଙ୍କ ୩୩୦୦ କୁଇଣ୍ଟାଲ ଧାନ ପଡ଼ି ରହିଥିଲା । ଚାଷୀଙ୍କ ଘରୁ ଧାନ ମିଲ ମାଲିକ ନିଜସ୍ୱ ଖର୍ଚ୍ଚରେ ଉଠାଇଲେ ୩ କିଲୋଗ୍ରାମ ଏବଂ ମଣ୍ଡିରୁ ଉଠାଇଲେ ୨ କିଲୋଗ୍ରାମ ପାଇଁ ଶେଷରେ ସହମତି ହେବା ପରେ ଗୁରୁବାର ସମସ୍ତ ଧାନ କିଣାଯାଇଛି। ଜିଲାର ଜୟପୁର ଉପଖଣ୍ଡର ୫ଟି ବ୍ଲକର ଅନ୍ୟ ମଣ୍ଡିଗୁଡିକରେ ଶାନ୍ତିପୂର୍ଣ୍ଣ ଭାବେ ଧାନକିଣା ଚାଲିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଜିଲାର ୭ଟି ଲ୍ୟାମ୍ପ ଏବଂ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୧୨୪୩ ଜଣ ଚାଷୀଙ୍କ ୮୪୭୯୭.୩୭ କୁଇଣ୍ଟାଲ ଧାନ କିଣାଯାଇଛି।

# ବିଶ୍ୱ ମୃତ୍ତିକା ଦିବସ ପାଳିତ


ମଞ୍ଚାସୀନ ଅତିଥି।

ଫୁଲବାଣୀ ଅଫିସ, ୫।୧୨

ମୃତ୍ତିକା ସଂରକ୍ଷଣ ବିଷୟରେ ସମସ୍ତେ ଜାଣିବା ଆବଶ୍ୟକ। ଏବେ ମୃତ୍ତିକା କ୍ଷୟ ହୋଇଚାଲିଛି। ତେଣୁ ମାଟିକୁ ବାନ୍ଧି ରଖିଲା ଭଳି ଚାଷ ପ୍ରଣାଳୀ ଅବଲମ୍ବନ କରିବା ନିହାତି ଆବଶ୍ୟକ ବୋଲି ବିଶ୍ୱ ମୃତ୍ତିକା ଦିବସରେ ମତ ପ୍ରକାଶ ପାଇଛି । ଗୁରୁବାର ଜିଲା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏହି ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ଫୁଲବାଣୀ ବ୍ଲକ ଅଧକ୍ଷା ମଞ୍ଜୁଦେବୀ କହଁର ଅଧକ୍ଷତା କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି, କୃଷି ବୈଜ୍ଞାନିକ ଡ. ଦିଲୀପ ବଡ଼ୁଆ, କୃଷି ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ଡ. ଦେବେନ୍ଦ୍ର କୁମାର ଦେବତା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମନୋଜ କୁମାର ଦାସ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେନ୍ଦ୍ର ନାରାୟଣ ନାୟକ, ମୃତ୍ତିକା ରସାୟନବିତ ବିରଞ୍ଚି ନାରାୟଣ ମଙ୍ଗରାଜ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଉପ ନିର୍ଦ୍ଦେଶକ ଡା. ପ୍ରଶାନ୍ତ କୁମାର ମହାଲିକ, ଜିଲା କୃଷି ଅଧିକାରୀ ତଥା ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ରବି ନାରାୟଣ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରାଯାଇଥିଲା। ଶେଷରେ ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

■ ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ବ୍ୟତିକ୍ରମ

# ଉପସ୍ଥାପନ ହେଲାନି ଅଡିଟ୍ ରିପୋର୍ଟ

ଦାରିଙ୍ଗବାଡ଼ି,୫।୧୨(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଜନଶୁଣାଣୀ ଶବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଅଧକ୍ଷତା କରିଥିବାବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମୁଜିବର ରେହେମାନ ମଲ୍ଲିକ ପରିଚାଳନା କରିଥିଲେ। ୨୫ ପଞ୍ଚାୟତରେ ଏହି ଯୋଜନାରେ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଶୁଣାଣି କରାଯାଇଥିବାବେଳେ ପୂର୍ବରୁ ପଞ୍ଚାୟତ ସ୍ତରରେ ଏହି ଶୁଣାଣି ଶେଷ ହୋଇଥିଲା। ଶୁଣାଣିବେଳେ କେତେକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା, ଯାହାକୁ ନେଇ ଅସନ୍ତୋଷ ଦେଖାଯାଇଛି। ପୂର୍ବରୁ ପଞ୍ଚାୟତ ସ୍ତରରେ କରାଯାଇଥିବା ଅଡିଟ ରିପୋର୍ଟକୁ ସାମାଜିକ ସମୀକ୍ଷକ ଅଡିଟ୍ ଟିମ୍ ପ୍ରସ୍ତୁତ କରିଥିବାବେଳେ ଏହାକୁ ଅଣଦେଖା କରାଯାଇଥିଲା । ଏହାକୁ ପଠନ କରାଯାଇ ଉପସ୍ଥିତ ଲୋକଙ୍କୁ ଅବଗତ କରାଇବା ନିୟମ ରହିଥିଲେ ସୁଦ୍ଧା ଏପରି କରାଗଲା ନାହିଁ। ଫଳରେ ଅନେକ ପ୍ରକଳ୍ପରେ ହୋଇଥିବା ଚଞ୍ଚକତା ଲୋକଲୋଚନକୁ ଆସିପାରିଲା ନାହିଁ ବୋଲି ସାମାଜିକ ସମୀକ୍ଷକମାନେ ଅଭିଯୋଗ କରିଛନ୍ତି। ସରକାର ଏହି ଯୋଜନାରେ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ପଞ୍ଚାୟତରେ ଭିଆରଟି(ଭିଲେଜ ରିସୋର୍ସ ଟିମ୍) ସଦସ୍ୟ ରଖିବା ସହ ବ୍ଲକ ହେଡ୍‌କ୍ୱାର୍ଟର୍ସରେ ଜଣେ ସାମାଜିକ ସମୀକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ତେବେ ସେମାନଙ୍କୁ ଏହି ଜନଶୁଣାଣିରେ କୌଣସି ବିଷୟ ଉପସ୍ଥାପନା କରିବାକୁ ସୁଯୋଗ ଦିଆଯାଇ ନ ଥିଲା। ସେହିପରି ଗତ ୨୦୧୭ରୁ ବହୁ ହିତାଧିକାରୀ କାମ କରିଥିଲେ ମଧ ମଜୁରି ମିଳିବାରେ ବିଳମ୍ବ ହେଉଛି।

ଏନେଇ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମଲ୍ଲିକଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଦାରିଙ୍ଗବାଡ଼ିରେ ସେ ନୂତନଭାବେ ଯୋଗ ଦେଇଛନ୍ତି। ତେଣୁ କିଛିଟା ତ୍ରୁଟି ଥାଇପାରେ ଏବଂ ମଜୁରି ମିଳି ନ ଥିବା ହିତାଧିକାରୀଙ୍କୁ ଶୀଘ୍ର ମଜୁରି ପ୍ରଦାନ ବ୍ୟବସ୍ଥା କରାଯିବ।



ଶିବିରରେ ମଞ୍ଚାସୀନ ଅତିଥି।

**ସଂକ୍ଷେପରେ**

## ମହାଲକ୍ଷ୍ମୀ ପୂଜା ଆରମ୍ଭ



**ଆସିକା,୫।୧୨(ଡି.ଏନ୍.ଏ.):** ଆସିକା ସହର ତଥା ଗ୍ରାମାଞ୍ଚଳରେ ଗୁରୁବାର ଧନଦାତ୍ରୀ ମା' ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଛି । ବିଭିନ୍ନ ସ୍ଥାନରେ ରଙ୍ଗବେରଙ୍ଗର ଆଲୋକମାଳା ଓ ପୂଜା ମଣ୍ଡପଗୁଡିକରେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା ଚାଲୁରହିଛି। ସପ୍ତାହେ ପର୍ଯ୍ୟନ୍ତ ପୂଜା ଚାଲିବାକୁ ଥିବା ବେଳେ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆୟୋଜନକାରୀଙ୍କ ପକ୍ଷରୁ କୁହାଯାଇଛି। ଆସିକା ଏନଏସିର ସର୍ବପୁରାତନ ସ୍ଥାୟୀ ପୂଜା ମଣ୍ଡପ ଓଡିଆ ସାହି (ବୀରବାଜିରାଉତ ନଗର), ବଜାର ସାହି, ଲକ୍ଷ୍ମୀ ବଜାର, ବସଷ୍ଟାଣ୍ଡ ପରିବାର ମାର୍କେଟ, ହାଟପଦା ଆଦି ସ୍ଥାନରେ ଅସ୍ଥାୟୀ ପୂଜା ମଣ୍ଡପରେ ମା'ଙ୍କ ପୂଜା ଚାଲିଛି । ସେହିଭଳି ନିକଟସ୍ଥ କାଳକଣ୍ଠେପୁର, ବିଜୁପଟ୍ଟନାୟକ ଛକ, ମୁକୁନ୍ଦପୁର, ନୂଆଗାଁ ଆଦି ସ୍ଥାନରେ ମଧ ପୂଜା ଆୟୋଜନ କରାଯାଇଛି ।

## ଧାନକ୍ରୟ ସଚେତନତା ରଥ ଗଡ଼ିଲା

**ହିଞ୍ଜିଳିକାଟୁ, ୫।୧୨(ଡି.ଏନ୍.ଏ.) :** ଚଳିତବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ସରକାର ଅନଲାଇନ ଟୋକନ ସିଷ୍ଟମ କାର୍ଯ୍ୟକାରୀ କରିଛନ୍ତି। ଏଥି ନିମନ୍ତେ ଏକ ସଚେତନତା ରଥ ଗୁରୁବାର ଶୁଭାରମ୍ଭ ହୋଇଛି। ଚାଷୀଙ୍କୁ ଏହି ରଥ ଧାନକିଣା ସମ୍ପର୍କ ସଚେତନ କରାଇବ। ୫ ଦିନ ଧରି ରଥ ବ୍ଲକ ଓ ମ୍ୟୁନିସିପାଲିଟିର ବିଭିନ୍ନ ଅଞ୍ଚଳରେ ଏବଂ ପ୍ରାଥମିକ ସମବାୟ ସମିତିରେ ଚାଷୀ ଓ ଜନସାଧାରଣଙ୍କୁ ସଚେତନ କରାଇବ ବୋଲି ହିଞ୍ଜିଳିକାଟୁ ଯୋଗାଣ ନିରୀକ୍ଷକ ପୁରଞ୍ଜୟ ସାହୁ ରଥ କହିଛନ୍ତି।

## ୫୧ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ

**ପାରଳାଖେମୁଣ୍ଡି,୫।୧୨(ସ୍ୱ.ପ୍ର.) :** ଗଜପତି ଜିଲା ଅଡ଼ବା ଥାନା ଅଧୀନ ଡେଙ୍ଗିଲି ଅଞ୍ଚଳରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଚଢାଉ କରାଯାଇ ୫୧ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଗଜପତି ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉ କରାଯାଇଥିଲା। ଚଢାଉ ବେଳେ ୧ଲକ୍ଷ ୨ହଜାର ଗଞ୍ଜେଇ ଗଛ ପୋଡ଼ି ନଷ୍ଟ କରାଯାଇଥିବା ଜଣାପଡ଼ିଛି। ଏହାର ମୂଲ୍ୟ ପ୍ରାୟ ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ସୂଚନା ମିଳିଛି।

## ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି, ଏସ୍‌ଏଚ୍‌ଜି ଆଲୋଚନା

**ପାରଳାଖେମୁଣ୍ଡି,୫।୧୨(ସ୍ୱ.ପ୍ର.):** ଆର୍‌କେଏସ୍‌ଏସ୍ ଅନୁଷ୍ଠାନ ଓ ନାବାର୍ଡ ସହଯୋଗରେ ଗୁରୁବାର ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅଧୀନ ଲକ୍ଷ୍ମୀପୁର କଲୋନି ସତ୍‌ସଙ୍ଗ ଗୃହରେ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉକ୍ତ ଗ୍ରାମର ୮ ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗଦେଇଥିଲେ। ବୈଠକରେ ଦଳର ସଞ୍ଚୟ, ଋଣ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା ସହ ସଭ୍ୟାମାନଙ୍କୁ ଆର୍ଥିକ ଯୋଜନା, ଆର୍ଥିକ ଯୋଜନାର ଜୀବନ ଧାରଣ ଭୂମିକା, ଦୀର୍ଘ କାଳୀନ ଯୋଜନା, ବ୍ୟାଙ୍କ ସହ ଯୋଗାଯୋଗ, ସଞ୍ଚୟ ବଢ଼ାଇବା, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା, ବିଭିନ୍ନ ପ୍ରକାର ବୀମା, ପେନ୍‌ସନ, ବ୍ୟାଙ୍କ୍‌ର ଆବଶ୍ୟକତା, ଗୋଷ୍ଠୀକୁ କିପରି ସହାୟତା ଯୋଗାଇଦିଆଯିବ ସେ ସମ୍ପର୍କରେ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ବୁଝାଯାଇଥିଲା। ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ଏସ୍‌ଏଚ୍‌ଜି ସହ ବ୍ୟାଙ୍କ ସଂଯୋଗୀକରଣ, କମ୍ ସୁଧରେ ବ୍ୟାଙ୍କ୍‌ର ରୋଜଗାର ଭିତ୍ତିକ ଋଣ ପ୍ରଦାନ, ବ୍ୟାଙ୍କ୍ ମିତ୍ର ସହ ବ୍ୟାଙ୍କ୍‌ର ସହଯୋଗ ମାଧ୍ୟମରେ ସ୍ୱୟଂ ସହାୟିକା ଦଳର ଯୋଗାଯୋଗ ବିଷୟରେ ଏଠାରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଏଲ୍‌ବିସିର ସଦସ୍ୟମାନେ ଯୋଗଦେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

# ରାହୁଲ ଜୈନଙ୍କ ଗୀତରେ ଝୁମିଲେ ଦର୍ଶକ

**ଛତ୍ରପୁର,୫।୧୨(ଡି.ଏନ.ଏ)**

ଛତ୍ରପୁର ଷ୍ଟାଡିୟମରେ ଆୟୋଜିତ ଗଞ୍ଜାମ ଜିଲାସ୍ତରୀୟ ଲୋକକଳା ମହୋତ୍ସବ ତଥା ଛତ୍ରପୁର ମହୋତ୍ସବ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ସନ୍ଧ୍ୟାର ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଦକ୍ଷିଣାଞ୍ଚଳ ଆର୍‌ଡିସି ଟି. ଆଓ, ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମର କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଯୋଗଦେଇଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଏହାକୁ ସଂଯୋଜନା କରିଥିଲେ। ଏହି ସନ୍ଧ୍ୟାରେ ଖଲ୍ଲିକୋଟ ବ୍ଲକ ପଥରାର ଓଡିଶୀ ମୃଦଙ୍ଗ ବାଦନ ସଂଘ ପକ୍ଷରୁ ଗଞ୍ଜାମ ଲୋକ ନୃତ୍ୟ, ଆର୍ ବିଂଛଣାପଲ୍ଲୀର ଅନୁରାଗ ଫୋଲକ୍ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆନିମଲ ମାସ୍କ ଡ୍ୟାନ୍ସ, ଛତ୍ରପୁର କିଲର ବିଟ୍, ଖଲ୍ଲିକୋଟ ଏମ. ଟି. ଡ୍ୟାନ୍ସ ଗ୍ରୁପ୍, ବ୍ରହ୍ମପୁର ଲିସମ୍ ଡ୍ୟାନ୍ସ ଏକାଡେମୀର ମଡର୍ନ ଡ୍ୟାନ୍ସ, ଭଞ୍ଜନଗରର ମୁଭ୍ ଦ ୱାଲ୍ଡ ପକ୍ଷରୁ ୱେଷ୍ଟର୍ନ ଡ୍ୟାନ୍ସ, ବ୍ରହ୍ମପୁର ଓଡିଶୀ ନୃତ୍ୟୟନ ପକ୍ଷରୁ ଓଡିଶୀ, ଛତ୍ରପୁର ପ୍ରଗତି କଳା କେନ୍ଦ୍ର ପକ୍ଷରୁ ସମ୍ବଲପୁରୀ, ବଲାଙ୍ଗୀରର କୃଷ୍ଣପ୍ରିୟା କଳାପରିଷଦ ପକ୍ଷରୁ ଘୁଡୁକି ନାଚ ଓ ସ୍ୱାତିଶ୍ରୀ ପଣ୍ଡାଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ବଲିଉଡ୍ କଳାକାର ରାହୁଲ ଜୈନ ଓ ତାଙ୍କ ଟିମ୍ ପକ୍ଷରୁ ମେଗା ଶୋ ପରିବେଷଣ ହୋଇଥିଲା।



ଆର୍‌ଡିସି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଛତ୍ରପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ରାହୁଲ ଜୈନ ଗୀତ ପରିବେଷଣ କରୁଛନ୍ତି।

## ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବ

**ପାରଳାଖେମୁଣ୍ଡି, ୫।୧୨(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଗୁରୁବାର ଜିଲା କୃଷି ବିଜ୍ଞାନ କେନ୍ଦ୍ର ଏବଂ ଜିଲା କୃଷି ଓ କୃଷକ ଶସକ୍ତିକରଣ ବିଭାଗ ସହଯୋଗରେ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି। କୃଷି ଅଧିକାରୀ ମାଧବ ରାଓ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ମୃତ୍ତିକା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ଚାଷୀମାନେ ନିଜ ଜମିର ମୃତ୍ତିକା ପରୀକ୍ଷା କରାଇ ତାର ଗୁଣବତ୍ତା ଅନୁଯାୟୀ ଚାଷ କରିବା ଆବଶ୍ୟକ ବୋଲି କହିଥିଲେ। ଜିଲା କୃଷି ଅଧିକାରୀ ଇରିନିଏସ୍ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୃତ୍ତିକା ପରୀକ୍ଷା କରି ତାହାର ରିପୋର୍ଟ ଅନୁସାରେ ମାଟିରେ ସାର ପ୍ରୟୋଗ କରିବାପାଇଁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଫସଲ ଉତ୍ପାଦନ ବୃଦ୍ଧିପାଇବା ସହ ଚାଷୀମାନଙ୍କ ଆର୍ଥିକ ଉନ୍ନତି ଘଟିବ ବୋଲି ସେ କହିଛନ୍ତି। ସେହିପରି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଟପ୍ପୋ ମାଟିର ଉର୍ବରତାକୁ ବଢ଼ାଇବାପାଇଁ ମାଟିର ପରୀକ୍ଷା ଜରୁରି ବୋଲି କହିଥିଲେ।

# ଶିଶୁବାଟିକା ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର



ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦିଗପହଣ୍ଡି,୫।୧୨(ଡି.ଏନ୍.ଏ.)**

ଦିଗପହଣ୍ଡି ସରସ୍ୱତୀ ନଗରସ୍ଥିତ ଶିଶୁ ବିଦ୍ୟାମନ୍ଦିର ପରିସରରେ ୧ ମାସ ବ୍ୟାପୀ ପ୍ରାଦେଶିକ ସ୍ତରୀୟ ଶିଶୁ ବାଟିକା ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ବିକାଶ ସମିତିର ରାଜ୍ୟ ସଭାପତି ଡ. ବିନାୟକ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିକାଶ ସମିତି କାର୍ଯ୍ୟକର୍ତ୍ତା ରମାକାନ୍ତ ମହନ୍ତ, ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ କୈଳାସ ବେହେରା, କାର୍ଯ୍ୟକର୍ତ୍ତା ପ୍ରକାଶ ଚନ୍ଦ୍ର ପ୍ରଧାନ, ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପ୍ରଦୀପ କୁମାର ମଲ୍ଲିକ, ନାରାୟଣ ପାଣିଗ୍ରାହୀ, ତପନ କୁମାର ଦାସ, ଲୋକନାଥ ମିଶ୍ର, ପବିତ୍ର ପଣ୍ଡା, ଅରୁଣ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଚାର୍ଯ୍ୟାଆଚାର୍ଯ୍ୟମାନଙ୍କୁ ସଚେତନ କରାଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୧୫ ଜଣ ଆଚାର୍ଯ୍ୟା, ୧୫୦ ଆଚାର୍ଯ୍ୟଙ୍କୁ ଏହି ଶିବିରରେ ଆଦର୍ଶ ଶିକ୍ଷା ପ୍ରଣାଳୀ, ବୌଦ୍ଧିକ, ନୈତିକ ଶିକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଜଣାପଡିଛି। ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର ଓ ଲକ୍ଷ୍ମୀକାନ୍ତ ମିଶ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଜିଲା ପୋଲିସର ରକ୍ତଦାନ ଶିବିର

**ପାରଳାଖେମୁଣ୍ଡି,୫।୧୨(ସ୍ୱ.ପ୍ର.)**

ସହର ଉପକଣ୍ଠ ବେତାଗୁଡ଼ା ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ଗଜପତି ଜିଲା ପୋଲିସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏସ୍‌ପି ସାରା ଶର୍ମା ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ୪୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ବହୁ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସାଧାରଣ ଲୋକେ ଉପସ୍ଥିତ ରହି ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ସୀତାରାମ ଶତପଥୀ, ଏସ୍‌ଡିପିଓ ପି.କେ. ଜେନା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ, ରିଜର୍ଭ ଇନ୍ସପେକ୍ଟର ଉମ୍ବରୁଧର ହୋନାଗା, ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକେନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ।

## ଅହମ୍ମଦନଗର ଜିଲା ପରିଷଦ ସଭ୍ୟଙ୍କୁ ସମ୍ବର୍ଦ୍ଧନା

**ଛତ୍ରପୁର,୫।୧୨(ଡି.ଏନ.ଏ.)**

ମହାରାଷ୍ଟ୍ରର ଅହମ୍ମଦନଗର ଜିଲା ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲାପରିଷଦ ସଭ୍ୟଙ୍କ ସମେତ ୩୭ ଜଣ ଗୁରୁବାର ଗଞ୍ଜାମ ଜିଲା ଛତ୍ରପୁରକୁ ଆସିଥିଲେ । ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏମାନଙ୍କୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମ୍ବର୍ଦ୍ଧିତ କରିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ପ୍ରମୁଖ ଉପସ୍ଥିତ ଥିଲେ। ଅହମ୍ମଦନଗର ଜିଲାପରିଷଦ ଅଧ୍ୟକ୍ଷ ଶାଳିନୀ ତାଇ ରାଧାକୃଷ୍ଣ ବିଖେ ଓ ଉପାଧ୍ୟକ୍ଷ ରାଜଶ୍ରୀ ଚନ୍ଦ୍ରଶେଖର ଘୁଲେ ତାଙ୍କ ବକ୍ତବ୍ୟରେ ଗଞ୍ଜାମ ଏକ ବିକଶିତ ଜିଲା କହିବା ସହ ଜିଲାପାଳଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଗଞ୍ଜାମ ଜିଲାର ଜିଲାପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ସଭ୍ୟମାନେ ଅହମ୍ମଦନଗର ଜିଲା ଗସ୍ତରେ ଯାଇଥିଲେ।



ସମ୍ବର୍ଦ୍ଧିତ କରାଯାଉଛି।

**ଦ୍ରୁତ ବାଇକ୍ ଚାଳକଙ୍କ ଦୌରାତ୍ମ୍ୟ**

# ପଥଚାରୀଙ୍କୁ ଆକ୍ରମଣ, ଜଣେ ଅଟକ

**ଭଞ୍ଜନଗର,୫।୧୨(ଡି.ଏନ୍.ଏ.)**

ଭଞ୍ଜନଗର ସହରରେ ଦ୍ରୁତ ଗାଡ଼ି ଚାଳନା ଯୋଗୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ସେଥିମଧ୍ୟରୁ କିଛି ଅଭିଯୋଗ ପୋଲିସ ନଜରକୁ ଆସୁଥିବା ବେଳେ ବହୁ ଅଭିଯୋଗ ଆସୁନାହିଁ। ପୋଲିସ କିମ୍ବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଦ୍ରୁତ ବାଇକ୍ ଚାଳକଙ୍କୁ କାବୁ କରାଯାଇ ପାରୁନାହିଁ। ଏହିଭଳି ଗୁରୁବାର ବାଉଁଶଲୁଣ୍ଠିଠାରେ ଦ୍ରୁତ ବାଇକ୍ ଚାଳନା ଯୋଗୁ ଜଣେ ପଥଚାରୀ ରୋଶନ ପ୍ରଧାନ ଆହତ ହୋଇଥିଲେ। ରୋଶନ ଓ ତାଙ୍କ ୨ସାଙ୍ଗ ବାଉଁଶଲୁଣ୍ଠି ଗ୍ରାମ ମଝି ଦାଣ୍ଡ ମନ୍ଦିର ଆଡ଼େ ଚାଲିଚାଲି ଯାଉଥିଲେ। ଏହି ସମୟରେ ଏକ ବାଇକ୍‌ରେ ୩ଜଣ ଯୁବକ ଦ୍ରୁତଗତିରେ ଆସି ରୋଶନଙ୍କୁ ଧକ୍କା ଦେଇଥିଲେ। ଏହାପରେ ବାଇକ୍ ଚାଳକ ଓଲଟା ରୋଶନଙ୍କୁ ଧମକ ଦେବାସହ ଆକ୍ରମଣ କରିଥିଲେ। ଏନେଇ ରୋଶନ ଥାନାରେ ଅଭିଯୋଗ କରିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଚାଳକଙ୍କୁ କାବୁ କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ଅପରପକ୍ଷେ ଥାନା ଅଧିକାରୀ ସୁଦୀପ୍ତ ସାହୁ ମୋବାଇଲ ଫୋନ ଉଠାଉନଥିବା ଯୋଗୁ ତାଙ୍କ ମତାମତ ମିଳିପାରିନାହିଁ।



ପୋଲିସ ଦ୍ରୁତ ବାଇକ୍ ଚାଳକଙ୍କୁ କାବୁ କରିନେଉଛି।

# ଏକତରଫା କାର୍ଯ୍ୟାନୁଷ୍ଠାନ ବିରୋଧରେ ଭାଜପାର ବିକ୍ଷୋଭ

**ପାରଳାଖେମୁଣ୍ଡି,୫।୧୨(ସ୍ୱ.ପ୍ର.)**

ପୋଲିସର ଏକତରଫା କାର୍ଯ୍ୟାନୁଷ୍ଠାନକୁ ଗଜପତି ଜିଲା ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଗୁରୁବାର ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓଙ୍କ ନେତୃତ୍ୱରେ ୩ଶହରୁ ଉର୍ଦ୍ଧ୍ୱ କର୍ମୀ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସ୍‌ପି ସାରା ଶର୍ମାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୋଲିସ ଭାଜପା କର୍ମୀଙ୍କ ବିରୁଦ୍ଧରେ ଯେପରି ଆକ୍ରୋଶ ମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଶାସକ ଦଳର ଇଙ୍ଗିତ ଏବଂ ଚାପରେ କରାଯାଉଛି ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ଭାଜପାର ରାଜ୍ୟସ୍ତରୀୟ ନେତା ଭୃଗୁ ବକ୍ସିପାତ୍ର ଯୋଗଦେଇ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅଧୀନ ଗାରାବନ୍ଧ ଥାନା ଅଞ୍ଚଳରେ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୋଲିସ ପ୍ରାୟ ୨୫ ଭାଜପା କର୍ମୀଙ୍କୁ ଗିରଫ କରି ହଇରାଣ କରୁଛି। ଗୁମ୍ମା ବ୍ଲକ୍ ଭାଜପା ସଭାପତି କୃଷ୍ଣଚନ୍ଦ୍ର ବିଶୋୟୀଙ୍କୁ ମଧ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁମ୍ମା ବ୍ଲକ୍ ସେରଙ୍ଗ ଥାନା ଅଞ୍ଚଳରେ ଘଟଣା ଘଟିଥିବାବେଳେ ତାଙ୍କୁ ପାରଳାଖେମୁଣ୍ଡିରୁ ଗିରଫ କରାଯାଇ କିପରି ସିଧାସଳଖ କୋର୍ଟ ଚାଲାଣ କରାଗଲା ବୋଲି ଦଳ ପୋଲିସ ଓ ପ୍ରଶାସନକୁ ପ୍ରଶ୍ନ କରିଛି। ସେହିପରି ଶାସକ ଦଳର ଜଣେ କର୍ମୀଙ୍କ ବିରୋଧରେ ସେରଙ୍ଗ ଥାନାରେ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପରିତାପର ବିଷୟ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଶାସକ ଦଳର ଉକ୍ତ କର୍ମୀଙ୍କୁ ତୁରନ୍ତ ଗିରଫ କରିବା, ଏକତରଫାଭାବେ ନିର୍ଦ୍ଦିଷ୍ଟ ଦଳୀୟ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବନ୍ଦ କରିବା ଏବଂ ଜିଲାର କେତେକ ଥାନା ଆଇଆଇସି ଶାସକ ଦଳର ହାତବାରସୀ ସାଜି କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାପାଇଁ ମଧ ଦାବି ହୋଇଛି । ଦୁଇ ଦିନ ମଧ୍ୟରେ ଏସ୍‌ପି ସମସ୍ତ ଘଟଣାର ସମାଧାନ ନ କଲେ ଆଗାମୀ ଦିନରେ ଭାଜପା ପକ୍ଷରୁ ଜିଲା ବ୍ୟାପୀ ଆନ୍ଦୋଳନ କରାଯିବା ସହ ଜିଲାର ସମସ୍ତ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଜିଲା ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।

**ଗୁରୁବାର ମାଣବସାରେ ଶପଥ**

## 'ଜଙ୍ଗଲ ସୁରକ୍ଷା ଆମ ଦାୟିତ୍ୱ'

**ଭଞ୍ଜନଗର,୫।୧୨(ଡି.ଏନ.ଏ)**

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଚାଲିଛି। ଉକ୍ତ ଯୋଜନା ମାଧ୍ୟମରେ ଗୁରୁବାର ମାଣବସା ଅବସରରେ ତାରସିଂ ରେଞ୍ଜ ଇନ୍ଦିରା କଲୋନୀରେ ମହିଳାମାନଙ୍କ ଏକ ବୈଠକ ହୋଇଥିଲା। ଏଥିରେ ମହିଳାମାନେ ଜଙ୍ଗଲ ସୁରକ୍ଷା ସହ ନିଜର ଆର୍ଥିକ ଉନ୍ନତି କିଭଳି ହୋଇପାରିବ ସେନେଇ ଶପଥ ନେଇଥିଲେ। କ୍ଷତ୍ରୀୟ ପରିଚାଳକ ସଂଯୋଜକ ସଞ୍ଜୟ ମିଶ୍ର, ଜିତେନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇ ସରକାର ଜଙ୍ଗଲ ସୁରକ୍ଷା ଏବଂ ଅଞ୍ଚଳବାସୀଙ୍କ ଉନ୍ନତି ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ବନ ସୁରକ୍ଷା ସମିତି ସଭାପତି ରଞ୍ଜନ ନାୟକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅଙ୍ଗନୱାଡ଼ି କର୍ମୀ ନିଳେନ୍ଦ୍ରୀ ନାୟକ ସ୍ୱଂୟ ସହାୟିକା ଗୋଷ୍ଠୀ ସମ୍ପର୍କରେ କହିଥିଲେ। ବନରକ୍ଷୀ ଶିବ ଶଙ୍କର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ମତ୍ସ୍ୟ ଓ ପଶୁସମ୍ପଦ ନିର୍ଦ୍ଦେଶକଙ୍କ ଶେରଗଡ଼ ଗସ୍ତ**

# ଗ୍ରାମାଞ୍ଚଳରେ ପ୍ରାଣୀଧନ ବିକାଶକୁ ଗୁରୁତ୍ୱ

**ଶେରଗଡ,୫।୧୨(ଡି.ଏନ୍.ଏ.)**

ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ନିର୍ଦ୍ଦେଶକ ରତ୍ନାକର ରାଉତ ଗୁରୁବାର ଶେରଗଡ ବ୍ଲକ ଗସ୍ତକରି ପଶୁପାଳନ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ବ୍ଲକ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ବିଭିନ୍ନ ପ୍ରାଣୀ ଔଷଧ ଷ୍ଟକ ଯାଞ୍ଚ କରିବା ପରେ ଚିକିତ୍ସାଳୟରେ ଦିଆଯାଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ଆଲୋଚନା କରିଥିଲେ। ଏନେଇ ନିର୍ଦ୍ଦେଶକ ରାଉତ, ବିଡିଓ ସୁରଞ୍ଜନ କୁମାର ସାହୁ, ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ତ୍ରିନାଥ ନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ବନମାଳୀ ସାହୁ, ଛତ୍ରପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଅମିତାଭ ପଣ୍ଡା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବାଶିଷ ସାହୁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଏକ ବୈଠକ ବସିଥିଲା। ଏଠାରେ ନିର୍ଦ୍ଦେଶକ ରାଉତ ଗ୍ରାମାଞ୍ଚଳରେ କିପରି ପ୍ରାଣୀଧନର ବିକାଶ ହେବ ସେ ନେଇ ଗୁରୁତ୍ୱ ଦେଇଥିଲେ। ତୁରନ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଓ ନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ବୈଠକ କରିବାକୁ ଆଲୋଚନା ହୋଇଥିଲା। ଏ ଦିଗରେ ବିଡିଓ ସାହୁଙ୍କ ସହଯୋଗ ଲୋଡାଯାଇଥିଲା। ବ୍ଲକ ପ୍ରାଣୀ ଚିକିତ୍ସାଳୟ ପାଇଁ ଅର୍ଥ ଆସିଥିବାବେଳେ ତୁରନ୍ତ କାମ ଆରମ୍ଭ କରିବା, ପିଊଳ ପ୍ରାଣୀ ଚିକିତ୍ସାଳୟ କୋଠା ନିମନ୍ତେ ଆର୍ଥିକ ଅନୁଦାନ ବ୍ୟବସ୍ଥା କରିବା, ଶେରଗଡ ବ୍ଲକରେ ପ୍ରାଣୀ ଚିକିତ୍ସା ନିମନ୍ତେ କର୍ମଚାରୀ ଅଭାବ ଦୂର ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।



ମତ୍ସ୍ୟ ଓ ପଶୁ ସମ୍ପଦ ନିର୍ଦ୍ଦେଶକ ରତ୍ନାକର ରାଉତ ଓ ଅନ୍ୟ ଅଧିକାରୀମାନେ ସମୀକ୍ଷା କରୁଛନ୍ତି।

# ଜ୍ୱରରେ ଦୁଇ ମୃତ, ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ପାତ୍ରପୁର,୫।୧୨(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ପାହାଡି ତଥା ଆଦିବାସୀ ଇଲାକାରେ ଗତ ଏକ ସପ୍ତାହ ମଧ୍ୟରେ ଜ୍ୱରରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ ଆଙ୍କୁଲି ପଞ୍ଚାୟତ ଲୁହାଗୁଡ଼ି ଗ୍ରାମର ଗୁରୁବାରିଆ କାର୍ଯୀ (୫୨) ଓ ବଣିଆବସାର ଶାନ୍ତିଲତା ପ୍ରଧାନ। ମ୍ୟାଲେରିଆରେ ଆକ୍ରାନ୍ତ ଆଙ୍କୁଲି ଗ୍ରାମର ଅନିତା ବେହେରା, ଭଗବାନ ବେହେରା ସୁରଙ୍ଗି ଡାକ୍ତରଖାନାରେ ଓ ବାଲିବାଡ଼ ଗ୍ରାମର ମା' ଓ ଝିଅ ଗୁରୁବାର ଖାରିଆଗୁଡ଼ା ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ସେହିଭଳି ବଣିଆବସା ଗ୍ରାମର ରବି ପ୍ରଧାନଙ୍କ ୫ ମାସର ଶିଶୁ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଅନ୍ୟପକ୍ଷରେ ଜୁବାସାହିର ନମିତା ଗମାଙ୍ଗ, ଶାନ୍ତିଲତା ଗମାଙ୍ଗ ମ୍ୟାଲେରିଆ ଆକ୍ରାନ୍ତ ଥିବା ଜଣାପଡ଼ିଛି। ତୁରନ୍ତ ପ୍ରଶାସନ ଆଦିବାସୀଙ୍କ ଥଇଥାନ, ରାସ୍ତା ଓ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

### କାଳିଆ ଟଙ୍କା ମିଳିବ କହି ଠକେଇ

# ଠକିନେଲେ ୧୨୫୦୦ ଟଙ୍କା, ଗହଣା

**ଦିଗପହଣ୍ଡି,୫।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କୈଁଠଡା ପଞ୍ଚାୟତରେ ଜଣେ ମହିଳାଙ୍କୁ କାଳିଆ ଟଙ୍କା ମିଳିବ କହି ଦୁର୍ବୃତ୍ତ ଟଙ୍କା ଓ ସୁନା ଗହଣା ଠକି ନେଇଛନ୍ତି। ଠକେଇର ଶିକାର ହୋଇଛନ୍ତି ଓଡ଼ସିଙ୍ଗୀ ଗାଁର ଲକ୍ଷ୍ମୀ ରେଡ୍ଡୀ।

ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଲକ୍ଷ୍ମୀଙ୍କ ଘରକୁ ଜଣେ ଯୁବକ ଆସି ନିଜକୁ କୃଷି କାର୍ଯ୍ୟାଳୟ କର୍ମଚାରୀ ପରିଚୟ ଦେଇଥିଲେ। ତୁମର କାଳିଆ ଯୋଜନାରେ ୭୦ ହଜାର ଟଙ୍କା ବ୍ୟାଙ୍କକୁ ଆସିଛି। ପ୍ରଥମେ ୧୨ ହଜାର ୫ ଶହ ଟଙ୍କା ଜମା କରିବାକୁ ହେବ। ତୁମର ସୁନା ଅଲଙ୍କାରର ମୂଲ୍ୟ ଓ ଓଜନ ଲେଖାଥିବା ରଶିଦ ଦେବାକୁ ପଡ଼ିବ କହି ନିକଟସ୍ଥ ପଦ୍ମନାଭପୁର ଗ୍ରାମସ୍ଥିତ ଏକ ବ୍ୟାଙ୍କକୁ ବାଇକରେ ବସାଇ ନେଇଥିଲେ। ମହିଳା ଜଣକ ପ୍ରଥମେ ଘରେ ରଖିଥିବା ୫ ହଜାର ଟଙ୍କା ଓ ପରେ ବ୍ୟାଙ୍କ ଜମାଖାତାରୁ ଉଠାଇ ୭ ହଜାର ୫ ଶହ ଟଙ୍କା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେଇଥିଲେ। ପରେ ସୁନା ଅଲଙ୍କାର ଓଜନ ଓ ମୂଲ୍ୟ ସମ୍ପର୍କିତ ରଶିଦ ଆବଶ୍ୟକ କହିବାରୁ ମହିଳା ଜଣକ ପିନ୍ଧିଥିବା ସୁନା କାନଫୁଲ ଓଜନ କରି ରଶିଦ ଆଣିବାକୁ ତାଙ୍କୁ ଦେଇଥିଲେ। ଦୁର୍ବୃତ୍ତ ଜଣକ ମହିଳାଙ୍କୁ ଆଧାର କାର୍ଡ ଜେରକ୍ସ ପାଇଁ ନିକଟସ୍ଥ ଦୋକାନକୁ ପଠାଇଥିଲେ। ଜେରକ୍ସ କରି ଫେରିବାବେଳକୁ ଦୁର୍ବୃତ୍ତ ଜଣକ ସେଠାରୁ ବାଇକ ଯୋଗେ ଫେରାର ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ପତ୍ତା ନମିଳିବାରୁ ମହିଳା ଜଣକ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଛନ୍ତି।

# ଜଙ୍ଗଲରୁ ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

**ପାଟପୁର,୫।୧୨(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଜୟପୁର ଗ୍ରାମ ନିକଟ ଜଙ୍ଗଲରୁ ଗୁରୁବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପାଟପୁର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଗଙ୍ଗାପୁର ପଞ୍ଚାୟତ ବାଘୁଆପଲ୍ଲୀ ଗ୍ରାମର ଅଙ୍ଗଦ ମଳିକ। ଅଙ୍ଗଦଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏସ୍ଆଇ ଶୁଭ୍ରଜିତ ସାମନ୍ତରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଶୁକ୍ରବାର ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ ଯେ, ଗତ ୩୦ରୁ ଅଙ୍ଗଦ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କଲାପରେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ଗ୍ରାମର ଜଣେ ବ୍ୟକ୍ତି ଜଙ୍ଗଲକୁ ଗୋରୁ ଚରାଇବାକୁ ନେଉଥିବାବେଳେ ମୃତଦେହ ପଡିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପୋଲିସ କିଛି ଗ୍ରାମବାସୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚିଥିଲା। ଅଙ୍ଗଦଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏନେଇ ପାଟପୁର ଥାନାରେ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି।

# ଭୁଶୁଡିଲା ନିର୍ମାଣାଧୀନ କମ୍ୟୁନିଟି ହଲ୍


ଭୁଶୁଡ଼ି ପଡ଼ିଥିବା କମ୍ୟୁନିଟି ହଲ୍ ତାଜା।

**ଗଞ୍ଜାମ,୫।୧୨(ଡି.ଏନ.ଏ.):** ଗଞ୍ଜାମ ଏନ୍ଏସି ୱାର୍ଡ ନଂ.୬ ଓଡ଼ିଆ ଢ଼ାମଣା ସାହି ରାମଲିଙ୍ଗେଶ୍ୱର ମନ୍ଦିର ପରିସରରେ ନିର୍ମିତ କମ୍ୟୁନିଟି ହଲ୍ ନିମ୍‌ଟାଲ୍ ଲେବଲ ତାଜା ଗୁରୁବାର ଭୁଶୁଡି ପଡିଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ୱାର୍ଡବାସୀ ଅଭିଯୋଗ କରି ହୋହଲ୍ଲା କରିଥିଲେ। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁ କଲ୍ୟାଣ ଦାସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ନିମ୍ନମାନର କାମ ହୋଇଥିବା ସ୍ୱୀକାର କରିଥିଲେ। ଏଥିପାଇଁ କନିଷ୍ଠ ଯନ୍ତ୍ରୀ ଦାୟୀ ବୋଲି ଲୋକେ କହିଥିଲେ। ଏନେଇ ୱାର୍ଡବାସୀ ଗଞ୍ଜାମ ଜିଲାପାଳଙ୍କୁ ଅବଗତ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଲୋକନାଥ ପାଢ଼ୀଙ୍କୁ ପଚାରିବାରୁ ତାଜା ପଡ଼ିବାର କମ୍ ସମୟରେ ସେଣ୍ଟ୍ରି ବାହାର କରିଦେବାରୁ ଏହା ଭୁଶୁଡି ପଡିଲା ବୋଲି କହିଥିଲେ। ଏହି କମ୍ୟୁନିଟ ହଲ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା କନିଷ୍ଠ ଯନ୍ତ୍ରୀ ପାଢ଼ୀ ସୂଚନା ଦେଇଛନ୍ତି।

















1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ